# Akashvani, Sambalpur

## SAMBALPURI NEWS BULLETIN

### 3 December 2024- 6.47- 6.52 am.

*********************************************

ରାଷ୍ଟ୍ରପତି - ଓଡ଼ିଶାଗସ୍ତ          ଆର୍‌ଏନ୍‌ୟୁ / ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍‌ଠାନୁ ୫ ଦିନିଆ ଓଡ଼ିଶା ଗସ୍ତଥି ଆସୁଛନ୍ । ଆଏଜ୍ ଉପର୍‌ବେଲା ସେ ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍ ନ ପୁହୁଁଚିବେ । ଆଏବା ୭ ତାରିଖ୍‌ତକ୍ ରାଷ୍ଟ୍ରପତି ଓଡ଼ିଶା ନ ରହିକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆଏଜ୍ ପଣ୍ଡିତ ରଘୁନାଥ ମୁର୍ମୁଙ୍କର୍ ନୂଆଁ ପ୍ରତିମୂର୍ତିକେ ଉନ୍ମୋଚନ୍ କର୍‌ବେ । ଇତାର୍‌ସହେତେ ଭୁବ୍‌ନେଶ୍ୱର୍ ନ ଥିବା ଆଦିବାସୀମାନ୍‌କର୍ ଇଷ୍ଟଦେବ ମାରାଂବୁରୁଙ୍କର୍ ଜାଗା ଆଦିମ ଓୱାର୍ ଜାର୍‌ପା ଜାହେର୍ ପରିଦର୍ଶନ୍ କର୍‌ବେ । ଆଏବାକାଏଲ୍ ରାଷ୍ଟ୍ରପତି ପୁରୀ ଶ୍ରୀଜଗନ୍ନାଥ୍ ମନ୍ଦିର୍ ନ ମାହାପୁରୁମାନ୍‌କର୍ ଦର୍ଶନ୍ କର୍‌ବେ । ଇତାର୍‌ଉତ୍‌ରୁ ପୁରୀ ଗୋପବନ୍ଧୁ ଆର୍ଯୁବେଦ୍ ମହାବିଦ୍ୟାଳୟର୍ ୭୫ ନମ୍ବର୍ ବାର୍ଷିକ୍ ଉତ୍ସବ୍, ପୁରୀ ବ୍ଲୁଫ୍ଲାଗ୍ ବେଳାଭୂମି ନ ନୌସେନା ଦିବସ୍ ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍

ଦେବାର୍ କାର୍ଯ୍ୟସୂଚୀ ରହିଛେ । ଡିସେମ୍ବର୍ ୫ ତାରିଖ୍ ଦିନ ରାଷ୍ଟ୍ରପତି ଭୁବ୍‌ନେଶ୍ୱର୍‌ର ଓଡ଼ିଶା କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଳୟର୍ ୪୦ ନମ୍ବର୍ ସମାବର୍ତନ୍ ଉସବ୍‌ଥି ଯୋଗ୍ ଦେବେ । ଇତାର୍ ଉତ୍‌ରୁ ଭୁବ୍‌ନେଶ୍ୱେର୍ ନ ନ୍ୟାୟିକ ଅଦାଲତ୍‌ର ନୂଆଁ କମ୍ପ୍ଲେକ୍ସ୍‌କେ ଉଦ୍‌ଘାଟନ୍ କର୍‌ବେ । ଡିସେମ୍ବର୍ ୬ ଆର୍ ୭ ତାରିଖ୍ ଦିନ ରାଷ୍ଟ୍ରପତି ମୟୁର୍‌ଭଞ୍ଜ୍ ରାଇରଙ୍ଗ୍‌ପୁର୍ ନ ଯୋଗ୍ ଦେଇକରି ଭିନ୍ ଭିନ୍ ରେଲ୍ ପ୍ରକଳ୍ପର୍ ଶିଳାନ୍ୟାସ୍ ଆର୍ ଉଦ୍‌ଘାଟନ୍ କର୍‌ବେ ।

ପ୍ରଧାନ୍‌ମନ୍ତ୍ରୀ- ନୂଆଁ ଅପରାଧୀକ ଆଇନ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଣ୍ଡିଗଡ୍ ଠାନେ ଆଏଜ୍ ୩ ଟା ନୂଆଁ ଅପରାଧୀକ ଆଇନ୍ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଆର୍ ଭାରତୀୟ ସାକ୍ଷ୍ୟ ଅଧିନିୟମ୍‌ର ସଫଲ୍ ରୂପାୟନ୍‌କେ ଦେଶ୍ ଉଦ୍ଦେଶ୍‌ଥି ଉତ୍ସର୍ଗ କର୍‌ବେ । ଇ କାର୍ଯ୍ୟକ୍ରମ୍‌ଥି ଆଇନ୍ ମାନ୍‌କର୍ ବ୍ୟବହାରିକ ପ୍ରୟୋଗ୍ ପ୍ରଦର୍ଶନ୍ କରାଯିବା । କ୍ରାଇମ୍ ସିନ୍ ତଦନ୍ତ୍‌କେ ନେଇକରି ଗୁଟେ ଲାଇଭ୍ ପ୍ରଦର୍ଶନୀ ହେବା, ଯେନ୍‌ଥି ନୂଆଁ ଆଇନ୍ କାର୍ଯ୍ୟକାରୀ ହେଉଥିବା

ଦେଖିବାର୍‌କେ ମିଲ୍‌ବା । ଇ କାର୍ଯ୍ୟକ୍ରମ୍‌ର ବିଷୟବସ୍ତୁ ହେଉଛେ 'ସୁରକ୍ଷିତ ସମାଜ୍, ବିକଶିତ ଭାରତ୍ - ଦଣ୍ଡନୁ ନ୍ୟାୟ ତକ୍' ।

ମୁଖ୍ୟମନ୍ତ୍ରୀ-ଗୃହ ବିଭାଗ୍‌ର ଅତିରିକ୍ତ ଖର୍ଚ୍ଚ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଆଇନ୍ ଶୃଙ୍ଖଳା ଥିତି ଠିକ୍ ଅଛେ । ବାତ୍ୟା ଦାନା ମୁକାବିଲା ନୁ ନେଇକରି ମାଓବାଦୀ ଦମନ୍ ତକ୍ ସବୁ ଲକ୍ଷ୍ୟକେ ସଫଳତାର୍ ସାଙ୍ଗେ ସାମ୍ନା କରାଯାଉଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବିଧାନ୍‌ସଭା ନ ଗୃହ ବିଭାଗ୍‌ର ଅତିରିକ୍ତ ଖର୍ଚ୍ଚ ଦାବି ଆଲୋଚନାର ଉତର୍ ରଖିକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ରାଏଜେ ମାଓବାଦୀ ଦମନ୍ ଲାଗି ଓଏସ୍‌ଏସ୍ ବାହିନୀଥି ୩ ହଜାର୍ ୯ ଟା ପଦ୍‌ବୀ ପୂରଣ୍ କର୍‌ବାର୍‌କେ ଅନୁମୋଦନ୍ ଦିଆଯାଇଛେ । ଇତାର୍‌ସହେତେ କେନ୍ଦ୍ର ସର୍‌କାର୍‌ଙ୍କୁ ଗୁଟେ ହେଲିକେପ୍ଟର୍ ଭିଲ୍ ମଗାଯାଇଛେ । ସେନ୍ତା ପୁଲିସ୍ ବିଭାଗ୍‌କେ ଅଏତ୍‌କା ଶକ୍ତିଶାଳୀ ଆର୍ ସକ୍ରିୟ କରାଯାଉଛେ । ଖାଲିଥିବା ୨ ହଜାର୍ ୯ ଶହ ୨୨ ଟା ପଦ୍‌ବୀ ପୂରଣ୍ ଲାଗି ପଦକ୍ଷେପ୍ ନିଆଯାଇଛେ ।

ଦକ୍ଷିଣ ଓଡ଼ିଶା ବିକାଶ୍ ପରିଷଦ-ଟାସ୍କଫୋର୍ସ/ଆର୍‌ଏନ୍‌ୟୁ ସମ୍ବଲପୁର

ରାଜ୍ୟ ସର୍‌କାର୍ ଦକ୍ଷିଣ ଓଡ଼ିଶା ବିକାଶ୍ ପରିଷଦ୍ ଗଠନ୍ କର୍‌ବାର୍ ଲାଗି ଗୁଟେ ଟାସ୍କଫୋର୍ସ ଗଠନ୍ କରିଛନ୍ । ଓଡ଼ିଶାର୍ ଦକ୍ଷିଣାଂଚଲ୍‌ର ବିକାଶ୍ ସହେତେ ବିକାଶ୍ ପ୍ରକ୍ରିୟାଥି ସବୁ ବର୍ଗକେ ସାମିଲ୍ କର୍‌ବାର୍ ଲାଗି ଇ ପରିଷଦ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା । ଇ ଟାସ୍କଫୋର୍ସର ଅଧ୍ୟକ୍ଷ ଭାବେ ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଙ୍କୁ ନିଯୁକ୍ତ କରାଯାଇଥିବାର୍ ବେଲେ ସଦସ୍ୟ ଭାବେ ଖଣିମନ୍ତ୍ରୀ ବିଭୂତି ଭୂଷଣ୍ ଜେନା, ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଆର୍ ଦକ୍ଷିଣାଂଚଲ୍‌ର ୨ ଝନ୍ ସାଂସଦ୍, ୫ ଝନ୍ ବିଧାୟକଙ୍କୁ ରଖାଯାଇଛେ । ସେନ୍ତା ଇ ଟାସ୍କଫୋର୍ସଥି ୩ ଝନ୍ ଏକ୍ସ ଅଫିସିଓ ମେମ୍ବର୍ ଭିଲ୍ ରହିଛନ୍ । ଦକ୍ଷିଣ୍ ଓଡ଼ିଶା ବିକାଶ୍ ପରିଷଦ୍ କେନ୍ତା ଗଠନ୍ ହେବା । କେନ୍ କେନ୍ ଜିଲ୍ଲା ଇଥି ସାମିଲ୍ ହେବେ ସେ ବାବ୍‌ଦେ ୩୦ ଦିନ୍ ଭିତ୍‌ରେ ରିପୋର୍ଟ ଦେବାର୍‌କେ ଟାସ୍କଫୋର୍ସକେ କୁହାଯାଇଛେ ।

ସିଙ୍ଗାପୁର୍ ପ୍ରତିନିଧି ମଣ୍ଡଳୀ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ଦକ୍ଷତା ବିକାଶ୍ କ୍ଷେତ୍ରକେ ଆହୁରି ବର୍‌କସ୍ କରାଯିବା । ସୂଚନା ପ୍ରଯୁକ୍ତି - ଆଇ.ଟି. ସକ୍ଷମ ସେବା ଆର୍ ସେମି କଣ୍ଡକ୍ଟର୍ କ୍ଷେତ୍ରଥି ଛାତ୍ରଛାତ୍ରୀଙ୍କୁ ତାଲିମ୍ ଦେବାର୍‌କେ ଜୋର୍ ଦିଆଯିବା । ଇଥିର୍‌ଲାଗି ଗଲାକାଏଲ୍ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ସାଙ୍ଗେ ସିଙ୍ଗାପୁର୍‌ର ଗୁଟେ ଶିକ୍ଷାନୁଷ୍ଠାନ୍‌ର ପ୍ରତିନିଧି ମାନେ ଆଲୋଚନା କରିଛନ୍ ।

ପୁରୀ ରଥ୍‌ଯାତ୍ରା- ବୈଠକ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ସାରା ପୁର୍‌ଥି ନ ଗୁଟେ ତିଥିଥି ରଥ୍‌ଯାତ୍ରା ପାଲନ୍ କରାଯିବା । ଇତାକେ ନେଇକରି ଗଲାକାଏଲ୍ ପୁରୀ ଶ୍ରୀନଅର ନ ଗଜପତି ମହାରାଜ୍ ଦିବ୍ୟସିଂହଦେବଙ୍କର୍ ଅଧ୍ୟକ୍ଷତାଥି ଗୁଟେ ବୈଠକ୍ ହେଇଯାଇଛେ । ପୁରୀ ଶ୍ରୀ ଜଗନ୍ନାଥ୍ ମନ୍ଦିର୍ ର ନିୟମାବଳୀକେ ସମ୍‌କୁ ମାନ୍‌ବାର୍‌କେ ପଡ଼୍‌ବା, ଇ ପରମ୍ପରା ଅନ୍‌ସାରେ ହିଁ ରଥ୍‌ଯାତ୍ରା ପାଲନ୍ କର୍‌ବାର୍‌କେ ବୈଠକ୍‌ଥି ନିଷ୍ପତି ନିଆଯାଇଛେ ।

ଆନ୍ତର୍ଜାତିକ ଭିନ୍ନକ୍ଷମ୍ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଇ୍ ହେଉଛେ ଆନ୍ତର୍ଜାତିକ ଭିନ୍ନକ୍ଷମ୍ ଦିବସ୍ । ୧୯୯୨ ମସିହାନୁ ମିଲିତ୍ ଜାତିସଂଘ ଆଝିର୍ ଦିନ୍‌କେ ଭିନ୍ନକ୍ଷମ୍ ଦିବସ୍ ଭାବେ ପାଲନ୍ କରୁଛେ । ଭିନ୍ନକ୍ଷମ ଲୋକ୍‌ମାନ୍‌କର୍ ବିକାଶ୍, ଉନ୍ନତି, ସୁରକ୍ଷା, ଆର୍ ସମାଜ୍ ନ ସେମାନ୍‌କୁ ସମାନ୍ ସୁବିଧା ଦେବାର୍  ଲାଗି ଇ ଦିବସ୍ ପାଲନ୍ କରାଯାଉଛେ । ଭିନ୍ନକ୍ଷମ ଦିବସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କର୍ ବାର୍ତାଥି କହିଛନ୍ ଯେ, ରାଜ୍ୟ ସର୍‌କାର୍ ଭିନ୍ନକ୍ଷମ ମାନ୍‌କର୍ ଉନ୍ନତି ଲାଗି ସବୁବେଲେ ଚେରେଷ୍ଟା ଜାରି ରଖିଛନ୍ । ଆଏବା ଦିନେ ଓଡ଼ିଶା ଭିନ୍ନକ୍ଷମ ମାନ୍‌କର ଲାଗି ଗୁଟେ ଆଦର୍ଶ ରାଜ୍ୟ ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ଦିବସ୍ ଅବ୍‌ସରେ ଭୁବ୍‌ନେଶ୍ୱର୍ ନ ସାମାଜିକ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ଗୁଟେ ଶପଥ୍ ଗ୍ରହଣ୍ ସମାରୋହ କରାଯାଉଛେ ।

ଖରିଫ୍ ଧାନ୍ ଘିନା- ସଚେତନତା          ଆର୍‌ଏନ୍‌ୟୁ /ସମ୍ବଲପୁର

ଚଲ୍‌ତି ଖରିଫ୍ ଋତୁଥି ଧାନ୍ ବିକ୍ରି ଲାଗି ଚାଷୀମାନ୍‌କର୍ ଭିତ୍‌ରେ ସଚେତନତା ସୃଷ୍ଟି କର୍‌ବାର୍‌କେ ରାଜ୍ୟ ସର୍‌କାର୍ ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍ । ପାଲା, ଦାସ୍‌କାଠିଆ ବାଗିର୍ ଭିନ୍ ଭିନ୍

ସାଂସ୍କୃତିକ କାର୍ଯ୍ୟକ୍ରମ୍ ଜରିଏ ଧାନ୍ ଘିନାର୍ ବାର୍ତା ଦିଆଯାଉଛେ । କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଭିନ୍ ଭିନ୍ ପଂଚାୟତ୍ ବୁଲିକରି ଧାନ୍ ବାବ୍‌ଦେ ଚାଷୀମାନ୍‌କୁ ଜନଉଛନ୍ ।